# Akashvani, Sambalpur

## SAMBALPURI NEWS BULLETIN

### 29 March 2025- 6.47- 6.52 am.

**********************************************

ମନ୍ କି ବାତ୍        ଆର୍ଏନ୍ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବାକାଏଲ୍ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୨୦ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ଓ୍ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇଟା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଳିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା । ଆଏବା

କାଏଲ୍ ରାତିର୍ ୮ ବଜେ ଆଂଚଲିକ୍ ଭାଷାନ୍ତରଣ୍‌ର ଫେର୍‌ଘାଏ ପ୍ରସାରଣ୍ କରାଯିବା ।

ବୈଜ୍ଞାନିକ୍ ପୁରସ୍କୃତ I&PR

ଓଡ଼ିଶା ବିଜ୍ଞାନ୍ ଏକାଡେମୀ ତର୍‌ଫୁ ଲୋକ୍‌ସେବା ଭବନ୍ ସମ୍ମିଲନୀ କକ୍ଷ ଠାନେ ବୈଜ୍ଞାନିକ୍ ମାନ୍‌କର୍ ସମ୍ବର୍ଦ୍ଧନା ଆଉ ପୁରସ୍କାର୍ ଉତ୍ସବ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି କହିଛନ୍, ବିଜ୍ଞାନ୍ ଆଉ ପ୍ରଯୁକ୍ତି ବିଦ୍ୟା ହିଁ ବିକାଶ୍‌ର ମୂଲ୍ ମନ୍ତ୍ର ଆଏ । ଅତ୍ୟାଧୁନିକ୍ ବୈଜ୍ଞାନିକ୍ ଗବେଷଣା ଜରିଏ ଓଡ଼ିଶାକେ ପ୍ରଗତିର୍ ଶିଘା ନ ପୁହୁଁଚାବାର୍ ଆମର୍ ମୁଖିଆ ଲକ୍ଷ୍ୟ ଆଏ । ରାଏଜେ ସାମୁଦ୍ରିକ ଜୈବ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରକେ ବର୍‌କସ୍ କର୍‌ବାର୍ ଲାଗି ଓଡ଼ିଶା ସାମୁଦ୍ରିକ ଜୈବ ପ୍ରଯୁକ୍ତି ଗବେଷଣା ଆଉ ସୃଜନ କରିଡ଼ର୍ ଥାପ୍‌ନା କରାଯିବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ଇ ଅବ୍‌ସରେ ଉଲ୍ଲେଖନୀୟ ଅବଦାନ୍ ଲାଗି ବୈଜ୍ଞାନିକ୍ ମାନ୍‌କୁ ପୁରସ୍କୃତ କରାଯାଇଥିଲା ।

ବିଧାନ୍‌ସଭା- ଖର୍ଚ୍ଚା ଦାବି I&PR

ବିଧାନ୍‌ସଭା ନ ଗଲାକାଏଲ୍ ୨୦୨୫-୨୬ ଆଥିକ୍ ବଛର୍ ଲାଗି ମହିଲା ଆଉ ଶିଶୁବିକାଶ୍ ବିଭାଗ୍‌ର ୧୫ ହଜାର୍ ୨ ଶହ ୨୨ କୋଟି ୮୫ ଲାଖ୍, ମିଶନ୍ ଶକ୍ତି ବିଭାଗ୍‌ର ୨ ହଜାର୍ ୭ ଶହ ୭୪ କୋଟି ୭୩ ଲାଖ୍ ଆଉ ପର୍ଯ୍ୟଟନ୍ ବିଭାଗ୍‌ର ଶହେ ୭୬ କୋଟି ୫୦ ଲାଖ୍ ଟଙ୍କା ଖର୍ଚ୍ଚା ଦାବିକେ ମଞ୍ଜୁରୀ ମିଲିଛେ । ଉପମୁଖ୍ୟମନ୍ତ୍ରୀ ଆଉ ତିନ୍‌ହି ବିଭାଗ୍‌ର ମନ୍ତ୍ରୀ ପ୍ରଭାତୀ ପରିଡ଼ା ଖର୍ଚ୍ଚା ଦାବି ଉପସ୍ଥାପନ୍ କଲା ଉତ୍‌ରୁ ଆଲୋଚନା କରାଯାଇକରି ଇଟା ମଞ୍ଜୁର୍ କରାଯାଇଥିଲା ।

ପରିବେଶ୍ ମନ୍ତ୍ରୀ-ବୈଠକ୍ I&PR

ଜଙ୍ଗଲ୍ ଆଉ ପରିବେଶ୍ ମନ୍ତ୍ରୀ ଗଣେଶ୍ ରାମ୍ ସିଂ ଖୁଂଟିଆଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ରାଜ୍ୟ ବନ୍ୟପ୍ରାଣୀ ବୋର୍ଡ଼ ସ୍ଥାୟୀ କମିଟିର୍ ୧୦ ନମ୍ବର୍ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଜଙ୍ଗଲ୍ ଇଲାକା ନ ଥିବା ୧୪ ଟା ଉନ୍ନୟନ୍‌ମୂଲକ୍ ପ୍ରସ୍ତାବ୍‌କେ ଜାତୀୟ ବନ୍ୟପ୍ରାଣୀ ବୋର୍ଡ଼କେ ସୁପାରିଶ୍ କର୍‌ବାର୍ ଲାଗି ଧାରିଜ୍ କରାଯାଇଛେ । ଜନକଲ୍ୟାଣ୍ ଆଉ ବିକାଶ୍‌ମୂଲକ୍ କାମ୍‌ଥି ଜଙ୍ଗଲ୍

ବିଭାଗ୍ କେଭେଭିଲ ବାଧା ନାଇଁ ହୁଏ ବଲି ଇ ଅବ୍‌ସରେ ମନ୍ତ୍ରୀ ଶ୍ରୀ ଖୁଂଟିଆ କହିଛନ୍ ।

ଶହୀଦ୍ ଲକ୍ଷ୍ମଣ୍ ନାଏକ-ତିରୋଧାନ୍ ଦିବସ୍ I&PR

ମହାନ୍ ସ୍ୱାଧୀନତା ସଂଗ୍ରାମୀ ଶହୀଦ୍ ଲକ୍ଷ୍ମଣ୍ ନାଏକ୍‌ଙ୍କର୍ ଆଏଜ୍ ହେଉଛେ ବଲିଦାନ୍ ଦିବସ୍ । ଇ ଅବ୍‌ସରେ ତାଙ୍କର୍ ତ୍ୟାଗକେ ସୁର୍‌ତା କରିକରି ସାରାରାଏଜେ ଶ୍ରଦ୍ଧାଞ୍ଜଳି ଦିଆଯାଉଛେ । ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ଭୁବ୍‌ନେଶ୍ୱର୍ ଆଦିବାସୀ ପଡ଼ିଆଠାନେ ଶହୀଦ୍ ଲକ୍ଷ୍ମଣ ନାଏକଙ୍କର୍ ପ୍ରତିମୂର୍ତିଥି ମାଲ୍ୟାର୍ପଣ୍ କରାଯିବା । ସଞ୍ଜ୍‌ବେଲେ ଜୟଦେବ୍‌ଭବନ୍ ନ ଗୁଟେ ସାଧାରଣ୍ ସଭାର ଆୟୋଜନ୍ କରାଯାଇଛେ । ଇଥି ବିଦ୍ୟାଲୟ ଆଉ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ନବରଙ୍ଗ୍‌ପୁର୍ ସାଂସଦ୍ ବଲଭଦ୍ର ମାଝୀଙ୍କର୍ ସହେତେ ବହୁତ୍ ସିଆନ୍ ସୁଜନ୍ ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ ।

ଓକିଲ୍ ସଂଘ ନିର୍ବାଚନ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ଶହେ ୫୬ ଟା ଓକିଲ୍ ସଂଘ ନ ଆଏଜ୍ ସଭାପତି, ସମ୍ପାଦକ୍ ସଙ୍ଗେ ଭିନ୍ ଭିନ୍ ପଦ୍ ପଦ୍‌ବୀର୍ ଲାଗି ନିର୍ବାଚନ୍ ହେବା । ‘ୱାନ୍ ବାର୍- ୱାନ୍ ଭୋଟ୍’ ନିୟମ୍ ଅନ୍‌ସାରେ ଇଥି ରାଜ୍ୟର୍ ୩୭ ହଜାର୍ ୨ ଶହ ୫୩ ଝନ୍ ଆଇନ୍‌ଜୀବୀ ମତଦାନ୍ କର୍‌ବେ ।

ହନୁମାନ୍ ଜୟନ୍ତୀ- ପ୍ରସ୍ତୁତି ବୈଠକ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ହନୁମାନ୍ ଜୟନ୍ତୀ ଅବ୍‌ସରେ ସମ୍ବଲ୍‌ପୁର୍ ସହର୍‌କେ କଡ଼ା ସୁରକ୍ଷା ବଳୟ ଭିତ୍‌ରେ ରଖାଯିବା ବଲି ଆରକ୍ଷୀ ଅଧିକ୍ଷକ ମୁକେଶ୍ ଭାମୁ କହିଛନ୍ । ଇ ବାବ୍‌ଦେ ସୂଚ୍‌ନା ଦେଇକରି ଶ୍ରୀ ଭାମୁ କହିଛନ୍, ହନୁମାନ୍ ଜୟନ୍ତୀ ବେଲ୍‌କେ ସହରେ ୨ କମ୍ପାନୀ ସିଆର୍‌ପିଏଫ୍ ଗୁଟେ କମ୍ପାନୀ ଆର୍‌ପିଏଫ୍ ଆର୍ ୧୨ ପ୍ଲାଟୁନ୍ ପୁଲିସ୍ ଫୋର୍ସ ମୁତୟନ୍ ରହେବେ । ସହରର୍ ଭିନ୍ ଭିନ୍ ଜାଗା ନ ଏଆଇ କେମ୍‌ରା ବ୍ୟବସ୍ଥା କରାଯିବା । ଇ ସମିଆଥି ସୋସିଆଲ୍ ମିଡ଼ିଆ ଉପ୍‌ରେ ଭିଲ୍ କଡ଼ା ନଜର୍ ରଖାଯିବା । ସୋସିଆଲ୍ ମିଡ଼ିଆଥି ଦଙ୍ଗା ଉକ୍‌ସାବାର୍ ବାଗିର୍ ମନ୍ତବ୍ୟ ଦେଲେ କଡ଼ା କାର୍ଯ୍ୟାନୁଷ୍ଠାନ୍ ନିଆଯିବା ବଲି ଶ୍ରୀ ଭାମୁ କହିଛନ୍ ।

ବରିଷ୍ଠ ନାଗରିକ୍ ତୀର୍ଥ ଯାତ୍ରା ଯୋଜ୍‌ନା  ସୁବର୍ଣ୍ଣପୁର୍ ସମ୍ବାଦଦାତା

ବରିଷ୍ଠ ନାଗରିକ୍ ତୀର୍ଥ ଯାତ୍ରା ଯୋଜ୍‌ନା ଅଧୀନଥି  ସୁବର୍ଣ୍ଣପୁର୍ ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟ ନୁ ଜିଲ୍ଲାର୍ ୫୨ ଝନ୍ ବରିଷ୍ଠ ତୀର୍ଥଯାତ୍ରୀଙ୍କୁ ନେଇକରି ବାହାରିଥିବା ୨ ଟା ବସ୍‌କେ ଦୁହି ଅତିରିକ୍ତ ଜିଲ୍ଲାପାଲ୍ ରାଜେନ୍ଦ୍ର ମାଝୀ ଆର୍ ଅଞ୍ଜଳିନା ପ୍ରଧାନ୍ ଶୁଭାରମ୍ଭ କରିଛନ୍ । ଇ ବସ୍ ଗଲାକାଏଲ୍ ସୋନ୍‌ପୁର୍‌ନୁ ବାହାରିକରି ରାତି ସମ୍ବଲ୍‌ପୁର୍ ପାନ୍ଥନିବାସ୍‌ନୁ ରହିଥିଲା । ଆଏଜ୍ ଦିନର୍ ୧୧ ବଜେ ସମ୍ବଲ୍‌ପୁର୍‌ନୁ ଟ୍ରେନ୍ ଜରିଏ ଭିନ୍ ଭିନ୍ ଜିଲ୍ଲାର୍ ତୀର୍ଥଯାତ୍ରୀଙ୍କର୍ ସହେତେ ଇ ତୀର୍ଥଯାତ୍ରୀମାନେ ଅଯୋଧ୍ୟା ଯିବେ ।

ଭିସୁଟ୍ ଅଧ୍ୟାପକ- ଜାତୀୟସ୍ତର ପୁରସ୍କାର୍/ସମ୍ବଲପୁର୍ ସମ୍ବାଦଦାତା

ବୁର୍ଲା ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ- ଭିସୁଟ୍‌ର ସ୍ଥାପତ୍ୟ, ଆର୍କିଟେକ୍‌ଚର୍ ବିଭାଗ୍‌ର ସହାୟକ ପ୍ରଫେସର୍ ଅମିତ୍ ଚାଟାର୍ଜୀଙ୍କୁ ଆର୍କ ଜକାଉଜ୍ ସାଉଥ୍ ଡିଜାଇନ୍ ଏଜୁକେଟର୍ସ-

୨୦୨୪-୨୫ ପୁରସ୍କାରଥି ସମ୍ମାନିତ୍ କରାଯାଇଛେ । ସ୍ଥାପତ୍ୟ ଶିକ୍ଷା କ୍ଷେତ୍ରଥି ଭଲ୍ ପ୍ରଦର୍ଶନ୍ ଲାଗି ଇ ଜାତୀୟସ୍ତର୍ ପୁରସ୍କାର୍ ଦିଆଯାଏସି । ଇ ବାବ୍ଦେ ଭିସୁଟ୍ ତର୍ଫୁ ସୂଚ୍ନା ଦିଆଯାଇଛେ ।

ପାଣିପାଗ ଆର୍ଏନ୍ୟୁ/ ସମ୍ବଲ୍ପୁର୍

ଆଏବା ୨୪ ଘଂଟା ଭିତ୍ରେ ରାଏଜେ ଆହୁରି ୨ ନୁ ୩ ଡିଗ୍ରୀତକ୍ ତାତି ବଢ଼୍ବା । ଇ ସମିଆଥି ସମ୍ବଲ୍ପୁର୍, ଝାର୍ସୁଗୁଡ଼ା ସୁବର୍ଣ୍ଣପୁର୍, ବୌଦ୍ଧ, ବଲାଙ୍ଗିର୍ ଆଉ କଲାହାଣ୍ଡି ଜିଲ୍ଲା ଜବର୍ ଖରାକେ ନେଇକରି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ୟେଲୋ ୱାର୍ଣ୍ଣିଂ ଜାରି କରିଛେ । ହେଲେ ଏପ୍ରିଲ୍ ୧ ନୁ ତାତି ଟିକେ କମିପାରେ ପାଣିପାଗ୍ କେନ୍ଦ୍ର ଅନୁମାନ୍ କରିଛେ । ସେଆଡ଼େ ଗଲାକାଏଲ୍ ଦେଶର୍ ସବୁନୁ ଜହ ତାତି ଝାର୍ସୁଗୁଡ଼ା ନ ୪୩ ଡିଗ୍ରୀ ସେଲ୍ସିଅସ୍ ରେକର୍ଡ଼ କରାଯାଇଥିଲା ।